To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ

THE SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

R.N.I. No.-42041/83 Vol-16, Issue No.91, ଭଦ୍ରକ, ବୁଧବାର, ୨୬, ସେପ୍ଟେମ୍ବର ୨୦୧୮ ■ Bhadrak, Wednesday, 26 September 2018 Rs. 2.00 Pages-8

ପ୍ରତ୍ୟେକ ଦିନ ୩୦୦ କୋଟି ଟଙ୍କା ଆୟ କରୁଛନ୍ତି ମୁକେଶ ଅମ୍ବାନୀ



## ନିର୍ବାଚନ ମୁଡ୍‌ରେ ତିନିଦଳ

# କଳିଙ୍ଗ ଦଖଲ ପାଇଁ ଯୁଦ୍ଧଂଦେହି



ଭୁବନେଶ୍ୱର, ୨୫।୯ (ସକାଳ ଖବର): ପାଖେଇ ଆସିଲାଣି ସାଧାରଣ ନିର୍ବାଚନ । ନିର୍ବାଚନ ତାରିଖ ଘୋଷଣା ହୋଇନି କିନ୍ତୁ ନିର୍ବାଚନ ମୁଡ୍‌ରେ ସବୁ ଦଳ । ଏଥର ଫୋକସ୍‌ରେ ଓଡିଶା । ଖାସ୍ ସେଇଠି ଲାଗି ରାଜ୍ୟରେ ତିନି ପ୍ରମୁଖ ଦଳ ପୂରା ଆକ୍ଟିଭ୍ । ୧୮ ବର୍ଷ ହେଲା ରାଜ୍ୟରେ କ୍ଷମତାସୀନ ବିଜେଡି ଏଥର ବି କଳିଙ୍ଗ ଦଖଲ ପାଇଁ ପୂରା ପ୍ରସ୍ତୁତ । ସେପଟେ ମିଶନ୍ ୧୨୦ ଲକ୍ଷ୍ୟ ନେଇ ବିଜେଡିକୁ କଡା ଆହ୍ୱାନ ଦେଉଛି ବିଜେପି । କଂଗ୍ରେସ ସାମାନ୍ୟ ପଛରେ ଥିଲେ ବି ଘର ସଜାଡି ଯୁଦ୍ଧ ମୈଦାନକୁ ଯିବାକୁ ତୟାର ହେଉଛି । ୨ ଦିନ ଭିତରେ ନରେନ୍ଦ୍ର ମୋଦି ଓ ଅମିତ୍ ଶାହାଙ୍କ ଓଡିଶା ଗସ୍ତ ଓ ରାଜ୍ୟ ସରକାରଙ୍କ ଉପରେ ହମଲା ବୋଲ ସୂଚେଇ ଦେଉଛି । ବେଶ ଆଟାକିଂ ମୁଡ୍‌ରେ ବିଜେପି । ତାଳଚେର ହେଉକି ଝାରସୁଗୁଡା ବିଭିନ୍ନ ପ୍ରସଙ୍ଗରେ ବିଜେଡି ସରକାର ବିଫଳତାକୁ ନିଜ ଭାଷଣରେ ଅଧିକ ସମୟ କହିଥିଲେ ମୋଦି । ପୂର୍ବରୁ ଯେବେ ପ୍ରଧାନମନ୍ତ୍ରୀ ଓଡିଶା ଆସନ୍ତି ରାଜ୍ୟ ସରକାରଙ୍କୁ ଏଭଳି କଡ଼ା ଆଟାକ୍ କରିବାର କମ୍ ଦେଖାଯାଏ । ଏଥର କିନ୍ତୁ ତାଙ୍କର ବଡି ଲାଙ୍ଗୁଏଜ୍ କଳିଙ୍ଗଦଖଲ ପାଇଁ ବ୍ୟାକୁଳ ହେଉଛି ବିଜେପି । ନିଜ କର୍ମୀଙ୍କୁ ଉତ୍ସାହିତ କରିବା ସହ ୨୦୧୯ ପୂର୍ବରୁ ନିର୍ବାଚନୀ ମନ୍ତ୍ର ଫୁଙ୍କିଛନ୍ତି ମୋଦି । ମୋଦି ଯେଉଁଠି ଛାଡିଥିଲେ ଠିକ୍ ସେଇଠି ଧରି ରେ ଶାହା । ପୁରୀରେ ବିଜେପିର ମହିଳା ମୋର୍ଚ୍ଚା କାର୍ଯ୍ୟକାରଣୀରେ ବେସ୍ ଆଗ୍ରେସୀଭ୍ ଥିଲେ ଶାହା । ଆୟୁଷ୍ମାନ ଭାରତ ଠାରୁ ପିସି ଯାଏଁ । ଯାହା ଯାହା ମୋଦି କହିଥିଲେ ତାକୁ ଦୁଇ ପାଦ ଆଗକୁ ନେଲେ ଶାହା । ନିର୍ବାଚନରେ ବିଜେଡିକୁ କଡା ଟକ୍କର ଦେବାକୁ ବିଜେପି ଯେ ଠୋସ ବ୍ଲୁ ପ୍ରିଣ୍ଟ କରୁଛି । ଶାହା-ମୋଦି ଯୋଡିଙ୍କର ବ୍ୟକ୍ତବ୍ୟରୁ ସ୍ପଷ୍ଟ ହେଉ ପଡୁଛି । ସେପଟେ ବିଜେଡି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦୃଢ ସଂଗଠନ ଆଧାରରେ ପଞ୍ଚମ ଥର ରେକର୍ଡ ବିଜୟ ପାଇଁ ପୂରା ଦମ୍‌ରେ ପ୍ରସ୍ତୁତ ଥିବା ଭଳି ଲାଗୁଛି । ଗଲା (ପୃଷ୍ଠା-୭)

## ଅସ୍ଥି ବିସର୍ଜନ ଯିବା ବାଟରେ ଦୁର୍ଘଟଣା

## କଲଭର୍ଟ ବାଡ଼ରେ ପିଟିହେଲା, ନାଳକୁ ଖସିଲା ଟାଟା ଏସ୍

# ୫ ମୃତ, ୨ ଗୁରୁତର

### ମୃତକଙ୍କ ପରିବାରକୁ ୨ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା



ପୁରୀ, ୨୫।୯ (ସକାଳ ଖବର): ପୁରୀ ଜଗନ୍ନାଥ ସଡ଼କର ସୁକଳ ଭାଇଲିପୁର ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ଜଣ ପ୍ରାଣ ହରାଇଥିବା ବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି । ଆଜି ଭୋର୍ ସମୟରେ ଏକ ଟାଟା ଏସ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ କଲଭର୍ଟ ବାଡରେ ଧକ୍କା ଦେଇ ନିକଟସ୍ଥ ନାଳ ମଧ୍ୟକୁ ଓଲଟି ପଡିଥିଲା । ଗାଡିଟି ପାଣିରେ ସମ୍ପୂର୍ଣ୍ଣ ବୁଡି ରହିଥିବାରୁ ଉଦ୍ଧାର କାର୍ଯ୍ୟରେ ବିଳମ୍ୱ ହୋଇଥିଲା । ଗୁରୁତର ମାନଙ୍କୁ ପ୍ରଥମେ ଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଅଧିକ ଚିକିତ୍ସା ନିମନ୍ତେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ମୃତକ ମାନଙ୍କ ମଧ୍ୟରେ ଦୁଇ ଜଣ ଶିଶୁ, ଜଣେ ମହିଳା ଓ ଦୁଇ ଜଣ ପୁରୁଷ ଅଛନ୍ତି । ସେମାନେ ହେଲେ ଅବନାନ (୭), ଯମାବତୀ (୫), କେ. ଯମାବତୀ (୪୦), କେ. କ୍ରିଷ୍ଣା (୫୦) ଏବଂ ଜଗଦିଶ (୪୦) । ସମସ୍ତ ମୃତାହତ ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ଜରଡ଼ା ଥାନା ଅନ୍ତର୍ଗତ ଲାଲକମଙ୍ଗ ଗ୍ରାମର ବୋଲି ଜଣାପଡିଛି । ଅସ୍ଥି ବିସର୍ଜନ ପାଇଁ ଏମାନେ ପୁରୀ ଆସୁଥିବା ବେଳେ ବାଟରେ ଏହି ଦୁର୍ଘଟଣା ଘଟିଥିଲା । ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ସେଠାରେ ପହଂଚି ସମସ୍ତଙ୍କୁ ପାଣିରୁ ଉଦ୍ଧାର କରିଥିଲେ । ଚନ୍ଦନପୁର ଥାନା ପୋଲିସ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ଦୁର୍ଘଟଣାଗ୍ରସ୍ତ ଗାଡିକୁ ପୋଲିସ ଜବତ କରିଛି । ଏ ସଂକ୍ରାନ୍ତରେ ଥାନା ପକ୍ଷରୁ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରୀ ରହିଛି । ଅନ୍ୟପକ୍ଷରେ ଘଟଣାରେ ମୁଖ୍ୟମନ୍ତ୍ରୀ ଶୋକ ବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଓ ଆହତମାନଙ୍କ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବା ନେଇ ଘୋଷଣା କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ଜାନୁଆରୀ ୨୧ ତାରିଖ ରାତିରେ ପୁରୀ ସ୍ୱର୍ଗଦ୍ୱାରକୁ ଶବ ଦାହ କରିବାକୁ ଯାଇ ଏକ ଅଟୋ ଯୋଗେ ଫେରୁଥିବା ବେଳେ ଟ୍ରକ୍ ଧକ୍କାରେ ୬ ଜଣଙ୍କର ମୃତ୍ୟୁ ଘଟିଥିଲା । ଜଗନ୍ନାଥ ସଡ଼କର ସୁକଳ ଠାରେ ଏହି ଦୁର୍ଘଟଣା ଘଟିଥିଲା । ବିଶେଷ କରି ରାସ୍ତାରେ କଲଭର୍ଟ ଗୁଡିକ ଅଣଓସାରିଆ ଓ ଏଥିରେ କୌଣସି ସତର୍କ ଚିହ୍ନ ନଥିବାରୁ ଏଭଳି ଦୁର୍ଘଟଣା ବାରମ୍ୱାର ଘଟୁଛି । ଏହି ରାସ୍ତାକୁ ଦୁଇ ଥାକିଆ ବିଶିଷ୍ଟ କରିବାକୁ ସାଧାରଣରେ ଦାବି ହେଉଛି।

## ଆଜି ଓଡିଶା ଆସିବେ ରବିଶଙ୍କର

ଭୁବନେଶ୍ୱର, ୨୫।୯ (ସକାଳ ଖବର): ଆଧ୍ୟାତ୍ମିକ ଗୁରୁ ତଥା ଆର୍ଟ ଅଫ ଲିଭିଂ



ସଂସ୍ଥାର ପ୍ରତିଷ୍ଠାତା ଶ୍ରୀ ଶ୍ରୀ ରବିଶଙ୍କର ଆସନ୍ତାକାଲି ଠାରୁ ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଆସନ୍ତା ୨୮ ତାରିଖରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପଂଚମ ସମାବର୍ତନ ଉତ୍ସବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଏମବିଏ, ପିଜିଡିଏଫଏମ, ବିଏ(ଯୋଗ), ଏମଏ(ଯୋଗ), ଏମଏ(ସଂସ୍କୃତ), (ପୃଷ୍ଠା-୭)

## ଦାଗୀ ନେତାଙ୍କ ବିରୋଧରେ ସଂସଦ ଆଇନ୍ ପ୍ରଣୟନ କରୁ : ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୨୫।୯: ସଙ୍ଗୀନ ଅପରାଧିକ ମାମଲାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ସଂସଦ ଓ ବିଧାନସଭାକୁ ନିର୍ବାଚିତ ହେବାରେ ରୋକ୍ ଲଗାଇବାକୁ ସଂସଦରେ ଆଇନ ପ୍ରଣୟନ କରାଯାଉଛି । ସୁପ୍ରିମକୋର୍ଟ ନିଜର ଲକ୍ଷ୍ମଣରେଖା ନେଇ ସମ୍ପୂର୍ଣ ସଚେତନ ଓ ଏହାକୁ ଡେଇଁ ସୁପ୍ରିମ୍‌କୋର୍ଟ ବ୍ୟବସ୍ଥାପିକା କାର୍ଯ୍ୟରେ ହସ୍ତକ୍ଷେପ କରିବେ ନାହିଁ କିମ୍ବା ଜଣେ ପ୍ରାର୍ଥୀଙ୍କୁ ଅଯୋଗ୍ୟ ଘୋଷଣା କରି ପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଦୀପକ ମିଶ୍ରଙ୍କୁ ନେଇ ଗଠିତ ୫ ଜଣିଆ ବେଞ୍ଚ ରାୟ ଦେଇଛନ୍ତି । ତେବେ ନିର୍ବାଚନ ସମୟରେ ଜଣେ ପ୍ରାର୍ଥୀ ସତ୍ୟପାଠ ଦାଖଲ କଲା ବେଳେ ଏହି ସତ୍ୟପାଠରେ ତାଙ୍କ ନାମରେ ଥିବା ଅପରାଧିକ ମାମଲାଗୁଡ଼ିକ ସମ୍ପର୍କରେ ବଡ଼ ଅକ୍ଷରରେ ଦର୍ଶାଇବା ପାଇଁ ସୁପ୍ରିମ୍‌କୋର୍ଟ ରାୟ ଦେଇଛନ୍ତି । ସେହିପରି ଦୁର୍ନୀତି ଓ ରାଜନୀତିରେ ଅପରାଧୀକରଣ ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳକୁ ଆଘାତ ଦେଉଥିବାରୁ ସଂସଦ ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବା ଜରୁରି ବୋଲି ସୁପ୍ରିମକୋର୍ଟ କହିଛନ୍ତି । ସେହିପରି ସୁପ୍ରିମ୍‌କୋର୍ଟ ପ୍ରାର୍ଥୀ ଓ ରାଜନୈତିକ ଦଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଜଣେ ପ୍ରାର୍ଥୀ ନିଜର ପ୍ରାର୍ଥୀପତ୍ର ଦାଖଲ କରିବା ପରେ ତାଙ୍କ ନାମରେ ଥିବା ବିଭିନ୍ନ ଅପରାଧିକ ମାମଲା ସମ୍ପର୍କରେ ମୁଦ୍ରିତ ଗଣମାଧମ ଓ ଟେଲିଭିଜନ ଚାନେଲରେ ଏହାର ଭଲ ଭାବେ ପ୍ରଚାର ପ୍ରସାର କରାଯିବ । ଯଦ୍ୱାରା ଲୋକେ ପ୍ରାର୍ଥୀଙ୍କ ଅପରାଧିକ ପୃଷ୍ଠଭୂମି ସମ୍ପର୍କରେ ଜାଣିପାରିବେ । ସୂଚନାଯୋଗ୍ୟ ସୁପ୍ରିମକୋର୍ଟ ଅପରାଧିକ ମାମଲା ବିଚାରାଧୀନ ଥିଲେ ଜଣେ ବ୍ୟବସ୍ଥାପକଙ୍କୁ ଅଯୋଗ୍ୟ ଘୋଷଣା କରାଯାଇ ପାରିବ କି ଏକ ମାମଲା ସୁପ୍ରିମ୍‌କୋର୍ଟ ଶୁଣାଣି କରିବା ଅବସରରେ କହିଛନ୍ତି ଯେ ରାଜନୈତିକ ଦଳଗୁଡ଼ିକ ତାଙ୍କ ୱେବ୍‌ସୋଇଟ୍‌ରେ ତାଙ୍କ ଦଳର ପ୍ରାର୍ଥୀମାନଙ୍କ ଅପରାଧିକ ପୃଷ୍ଠଭୂମି ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିବେ, ଯାହା ଫଳରେ ଜନପ୍ରତିନିଧି ବାଛିବା ବେଳେ ଭୋଟରମାନଙ୍କୁ ସହଜ ହେବ । ସୂଚନାଯୋଗ୍ୟ ଯେ ନିକଟରେ କେନ୍ଦ୍ର ସରକାର ସୁପ୍ରିମ୍‌କୋର୍ଟରେ ଏକ ସତ୍ୟପାଠ ଜରିଆରେ ଜଣାଇଥିଲେ ଯେ ମୋଟ୍ ୧ହଜାର ୭ଶହ ୬୫ ଜଣ ବିଧାୟକ, ସାଂସଦଙ୍କ ନାମରେ ୩୦୪୫ ଟି ଅପରାଧିକ ମାମଲା ବିଚାରାଧୀନ ରହିଛି । ଅର୍ଥାତ ଦେଶର ୩୬ ପ୍ରତିଶତ ସାଂସଦ ଓ ବିଧାୟକଙ୍କ ନାମରେ ବିଭିନ୍ନ ଥାନାରେ ଅପରାଧିକ ମାମଲା ରହିଛି ।

### ସୁପ୍ରିମ୍‌କୋର୍ଟଙ୍କ ରାୟର ଅଂଶବିଶେଷ

- ଅଭିଯୋଗ ପତ୍ର ଆଧାରରେ ଦାଗୀ ନେତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନାହିଁ
- ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ରୋକିବା ପାଇଁ କେବଳ ଚାର୍ଜସିଟ୍ ପର୍ଯ୍ୟାପ୍ତ ନୁହେଁ
- ଜନପ୍ରତିନିଧିଙ୍କ ଅପରାଧିକ ରେକର୍ଡ ଜାଣିବାର ଅଧିକାର ଜନସାଧାରଣଙ୍କ ରହିଛି
- ୱେବ୍‌ସାଇଟ୍‌ରେ ନେତାଙ୍କ ଅପରାଧିକ ରେକର୍ଡ ସବୁଦଳ ସୂଚିତ କରିବେ
- ଅପରାଧିଙ୍କୁ ରାଜନୀତିରେ ପ୍ରବେଶ ନକରାଇବାର ଦାୟିତ୍ୱ ସଂସଦର



## ବଜ୍ରାଘାତ ନେଲା ୪ ଜୀବନ

କଟକ/କେନ୍ଦୁଝର/ରାୟଗଡ଼ା, ୨୫।୯ (ସକାଳ ଖବର): ବଜ୍ରାଘାତ ଯୋଗୁଁ ମଙ୍ଗଳବାର ଅପରାହ୍ନରେ ୩ ଜଣ ମହିଳା ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି । ରାୟଗଡ଼ା ଜିଲ୍ଲାରେ ୨ ଜଣ ମହିଳା ଓ କଟକ ଜିଲ୍ଲାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମିଳିଥିବା ସୂଚନା ଅନୁସାରେ କେନ୍ଦୁଝର ଜିଲ୍ଲାର ପଣ୍ଡାପଡା ଥାନା ଅନ୍ତର୍ଗତ ଝାରବୋ ଗାଁରେ ଗୁରୁଚରଣ ସେନାପତି ମକା କ୍ଷେତରେ କାମ କରୁଥିଲେ । ଏହି ସମୟରେ ବଜ୍ରାଘାତ ହୋଇଥିଲା । କିଛି ସମୟ ପରେ ଗୁରୁଚରଣଙ୍କ ମୃତ୍ୟୁ ହୋଇଥିଲା । କଟକ ଜିଲ୍ଲାର ରାଣିଓ୍ୱଲା ପଞ୍ଚାୟତର ବରିଷଣା ଗ୍ରାମର ଟୁନି ଭୋଇ(୪୫)ଙ୍କ ମୃତ୍ୟୁ ଘଟିଛି । ଟୁନି ଆଜି ଅପରାହ୍ନରେ ବିଲରେ କାମ କରୁଥିବା ସମୟରେ ବଜ୍ରାଘାତର ସମ୍ମୁଖୀନ ହୋଇଥିଲେ । ସେହିପରି ରାୟଗଡ଼ା ଜିଲ୍ଲାର ଗୁରାଡ଼ି ବ୍ଲକ ଅନ୍ତର୍ଗତ କେଣ୍ଡଲି ପଞ୍ଚାୟତ ଅଧିନ କାତିଗୁଡ଼ାରେ ୨ଜଣ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଆହତ ମହିଳାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ବିଲରେ କାମ କରୁଥିବା ବେଳେ ଆଜି ଅପରାହ୍ନ ୪ଟା ୨୦ରେ ବଜ୍ରାଘାତ ହୋଇଥିଲା । ଶଶୀ ପିଡିକାକା(୨୦) ଓ ଗୁରୁବାରୀ କିମ୍ବାକା(୨୯)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଶଶୀର ଭଉଣୀ ଶର ଓ ଲାଖିନଙ୍କୁ ଆହତ ଅବସ୍ଥାରେ ଗୁରାଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି ।



ଦାନୀ ଦାନ ଦିଏ ଏବଂ ଭବିଷ୍ୟତ ସୁନ୍ଦର ପାଇଁ ରାସ୍ତା ତିଆରି କରେ



ହୁଣ୍ଡିର ଆୟ (୨୫.୮.୧୮)
୨,୪୨,୪୧୪

## ରାସ୍ତା ମଝିରେ ଛାତ୍ରୀଙ୍କୁ ଛୁରାମାଡ

ଭୁବନେଶ୍ୱର, ୨୫।୯ (ସକାଳ ଖବର): ଦିନ ଦ୍ୱିପ୍ରହରରେ ଘଟିଯାଇଛି ଅଘଟଣ । କଟକ ଜିଲ୍ଲା ଅଡଶପୁରର ଉଦୟନାଥ କଲେଜର ଜନୈକା ଛାତ୍ରୀଙ୍କୁ ଛୁରମାଡ ହୋଇଛି। କ୍ୟାମ୍ପସ୍ ବାହାରେ ଥିବା ରାସ୍ତା ମଝିରେ ଛାତ୍ରୀଙ୍କୁ ଛୁରୀ ରେ ଆକ୍ରମଣ କରିବାପରେ ଦୁର୍ବୃତ୍ତ ଫେରାର ହୋଇଯାଇଛି। ଆକ୍ରମଣରେ ଛାତ୍ରୀଙ୍କ ଗୋଡ ଓ ଅଂଟାରେ ଗଭୀର ଆଘାତ ଲାଗିଛି। ଗୁରୁତର ଛାତ୍ରୀଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ୍ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି। ଛୁରାମାଡର କାରଣ ଜଣାପଡିନଥିଲେ ହେଁ ଛାତ୍ରୀଙ୍କ ସହପାଠୀ ଦ୍ୱାରା ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି।




ଚେନ୍ନାଇରେ ଓଡ଼ିଶା ଭବନର ଶୁଭ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନଙ୍କ ଯୋଗଦାନ

## ୨ ବର୍ଷ ଧରି ପାଳନ କରାଯିବ ମହାତ୍ମା ଗାନ୍ଧିଙ୍କ ୧୫୦ତମ ଜୟନ୍ତୀ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫।୯ (ସକାଳ ଖବର):ରାଜ୍ୟରେ ଜାତିର ପିତା ମହାତ୍ମା ଗାନ୍ଧିଙ୍କରେ ୧୫୦ତମ ଜୟନ୍ତୀ ପାଳନ କରିବାପାଇଁ ୨୦୧୯ରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବା ପାଇଁ ନିଷ୍ପତି ନିଆଯାଇଛି। ଚଳିତ ଅକ୍ଟୋବର ୨ ତାରିଖରୁ ୨୦୨୦ ଅକ୍ଟୋବର ୨୬ ପର୍ଯ୍ୟନ୍ତ ୨ ବର୍ଷ ଧରି ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଜିର ସମାଜରେ ସେତ୍ୟ ଓ ଅହିଂସାର ପ୍ରାସଙ୍ଗିକତା ବହୁତ ଅଧିକ। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଲଦିନ ସଚିବାଳୟ ଠାରେ ମହାତ୍ମା ଗାନ୍ଧିଙ୍କର ୧୫୦ ତମ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକରେ ଅଧକ୍ଷତା କରି ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମାଜର ସବୁ ବର୍ଗର ଲୋକଙ୍କୁ ସାମି କରି ଗାନ୍ଧିଜୀଙ୍କ ଜୟନ୍ତୀ ଉତ୍ସବକୁ ମହାସମାରୋହରେ ପାଳନ କରାଯିବା ସେ ଆହୁରି କହିଥିଲେ ଯେ ମହାତ୍ମା ଗାନ୍ଧି ଥିଲେ ଯୁଗ ପୁରୁଷ। ଭାରତର ଆତ୍ମାର ପୁନଃ ଜାଗରଣ ପାଇଁ ସେ ଉଦ୍ୟମ କରିଥିଲେ। (ପୃଷ୍ଠା-୭)

## ଉଗ୍ର ହେଉଛି ଆନ୍ଦୋଳନ

### ୨୭ରେ ନବୀନ ନିବାସ ଘେରାଉ ଚେତାବନୀ ଦେଲେ ଆଇନ୍‌ଜୀବୀ

କଟକ, ୨୫।୯ (ସକାଳ ଖବର): ଆଇନଜୀବୀ ଆନ୍ଦୋଳନ ଧିରେ ଧିରେ ଉଗ୍ର ରୂପ ନେବା ଆରମ୍ଭ କଲାଣି । ଏହା ଆସନ୍ତା ୨୬ତାରିଖ ଯାଏଁ ଚାଲୁ ରହିବ । ଏହି ସମୟ ମଧ୍ୟରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନନେଲେ ୨୭ରେ ନବୀନ ନିବାସ ଘେରାଉ କରାଯିବଛ ହାଇକୋର୍ଟ ବାର୍ ଆସୋସିଏସନ୍ ସାଧାରଣ ପରିଷଦ ଓ ଗଠିତ ଆକ୍ସନ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ପରୋକ୍ଷରେ ସରକାରଙ୍କୁ ଚେତାଇ ଦିଆଯାଇଛି ଯେ ୨୬ତାରିଖ ମଧ୍ୟରେ ଅଭିଯୁକ୍ତ ଗିରଫ ନହେଲେ ଆନ୍ଦୋଳନ ତୀବ୍ର ହେବ । ୨୭ରେ ନବୀନ ନିବାସ ଘେରାଉ କରାଯିବ । କେବଳ ସେତିକି ନୁହେଁ, ଆସନ୍ତାକାଲିଠାରୁ ହାଇକୋର୍ଟ ଓ ଜିଲ୍ଲା ଅଦାଲତ ନିକଟରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ଅଚଳ କରିବା ପାଇଁ ବି ବୈଠକରେ ନିଷ୍ପତ୍ତି ହୋଇଛି । ଏଥିରେ ରାଜ୍ୟର ଅନ୍ୟ ଆଇନଜୀବୀ ସଂଘଗୁଡିକ ମଧ୍ୟ ସାମିଲ ହେଇ ସେମାନଙ୍କ କଚେରି ଅଞ୍ଚଳରେ ଥିବା ସରକାରୀ କାର୍ଯ୍ୟାଳୟ ଅଚଳ କରିବା ପାଇଁ ଅନୁରୋଧ କରାଯାଇଛି । ବୈଠକରେ ଅଧକ୍ଷତା କରି ହାଇକୋର୍ଟ ବାର୍ ଆସୋସିଏସନ୍ ସଭାପତି ବରିଷ୍ଠ ଆଇନଜୀବୀ ଶ୍ରୀକାନ୍ତ କୁମାର ନାୟକ କହିଛନ୍ତି ଆନ୍ଦୋଳନ ଆରମ୍ଭ ହେବା ପରେ ସଙ୍ଗେ ସଙ୍ଗେ ଘଟଣା ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଥିଲା । ଦାବି ପୂରଣ ସହିତ ସମସ୍ୟାର ସମାଧାନ ପାଇଁ ଘଟଣାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ କୁହାଯାଇଥିଲା । ମାତ୍ର ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଲେ ନାହିଁଛ ମୁଖ୍ୟମନ୍ତ୍ରୀଙ୍କ ସହିତ ସାକ୍ଷାତ ଆଲୋଚନା ପାଇଁ ମଧ ସମୟ ଦିଆଯାଉ ନାହିଁ ବୋଲି ଶ୍ରୀ ନାୟକ ଅଭିଯୋଗ କରିଛନ୍ତି ।



Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**